**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**7 July– 2026**

---

# ରାଜସ୍ୱମନ୍ତ୍ରୀ–ବନ୍ୟା ପରିସ୍ଥିତି

ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଏହାସହ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ଜଳପ୍ରବାହ ବୃଦ୍ଧି ପାଇଥିବାରୁ ବିଭିନ୍ନ ଅଞ୍ଚଳରେ ବନ୍ୟାସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି । ଗତକାଲି ସୁଦ୍ଧା ଭଦ୍ରକ ନିକଟସ୍ଥ ଆଖୁଆପଦା ବୈତରଣୀ ନଦୀରେ ଜଳସ୍ତର ବିପଦ ସଙ୍କେତର ନିକଟବର୍ତ୍ତୀ ରହିଥିଲା । ତେବେ ଆଜି ସକାଳ ୬ଟା ସୁଦ୍ଧା ଏହି ନଦୀର ଜଳସ୍ତର ୧୭ ଦଶମିକ ୬/୨ ମିଟର ଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । କଟକ ମୁଣ୍ଡଳୀଠାରେ ଜଳସ୍ତର ବୃଦ୍ଧି ପାଇଛି । ହୀରାକୁଦ ଜଳଭଣ୍ଡାରର ଜଳସ୍ତରର ସୁପରିଚାଳନା ପାଇଁ ଆସନ୍ତା ଗୁରୁବାର ଦିନ ହୀରାକୁଦରୁ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହେବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆଜିଠାରୁ ରାଜ୍ୟରେ ବର୍ଷାର ପ୍ରଭାବ ହ୍ରାସ ପାଇବ । ଗତ ୨୪ଘଣ୍ଟା ମଧ୍ୟରେ ସୁବର୍ଣ୍ଣପୁରରେ ସର୍ବାଧିକ ୩୨୮ ଦଶମିକ ୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

ରାଜ୍ୟରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି। ବୈଠକରେ

ବୈତରଣୀ ନଦୀର ଜଳସ୍ତର, ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳ, ଉଦ୍ଧାର ଓ ସ୍ଥାନାନ୍ତରଣ ବ୍ୟବସ୍ଥା, ଆଶ୍ରୟସ୍ଥଳ, ରିଲିଫ୍ ସାମଗ୍ରୀ ଏବଂ ଉଦ୍ଧାରକାରୀ ଦଳର ପ୍ରସ୍ତୁତି ସମୀକ୍ଷା କରାଯାଇଥିଲା।

ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ରହିଛି ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି।

## ଅଶ୍ୱିନୀ ବୈଷ୍ଣବ-ଟ୍ରେନ୍ ସେବା

କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉତ୍ତର ଓଡ଼ିଶା ପାଇଁ ଏକ ନୂତନ ଟ୍ରେନ୍ ସେବା ଆରମ୍ଭ କରାଯିବ ବୋଲି ଘୋଷଣା କରିଛନ୍ତି। ଉତ୍ତର ଓଡ଼ିଶାର ରେଳ ସଂଯୋଗୀକରଣ କ୍ଷେତ୍ରରେ ସୁଧାର ଆଣିବା ଦାବିକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଛି। ପଶ୍ଚିମ, ଦକ୍ଷିଣ ଓ ଉପକୂଳ ଓଡ଼ିଶା ଭଳି ଉତ୍ତର ଓଡ଼ିଶାରେ ମଧ୍ୟ ରେଳ ସେବାର ସମ୍ପ୍ରସାରଣ କରାଯିବ ବୋଲି ସେ କହିଛନ୍ତି। ସମଗ୍ର ରାଜ୍ୟରେ ରେଳ ନେଟୱାର୍କ ବିସ୍ତାର ଏବଂ ଉନ୍ନତ ଯାତ୍ରୀ ସେବା ଯୋଗାଇବା ପାଇଁ କେନ୍ଦ୍ର ସରକାର ପ୍ରତିବଦ୍ଧ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ମୁଖ୍ୟମନ୍ତ୍ରୀ-ବନ ମହୋତ୍ସବ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ୭୭ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେବେ । ଭୁବନେଶ୍ୱର, କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି

ପୂର୍ବାହ୍ନରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେବ । ବନ ମହୋତ୍ସବ ସପ୍ତାହ ଅବସରରେ ଶ୍ରୀ ମାଝୀ ନିଜ ବାର୍ତ୍ତାରେ କହିଛନ୍ତି ସମଗ୍ର ବିଶ୍ୱରେ ତାପମାତ୍ରା ବୃଦ୍ଧି, ଅନିୟମିତ ବର୍ଷା, ପ୍ରାକୃତିକ ବିପର୍ଯ୍ୟୟ ଓ ପରିବେଶ ପ୍ରଦୂଷଣ ଭଳି ଗଭୀର ସମସ୍ୟାର ମୁକାବିଲା ପାଇଁ ବ୍ୟାପକ ଚାରାରୋପଣ ଓ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା ରହିଛି। ମୁଖ୍ୟମନ୍ତ୍ରୀ ଏକ୍ ପେଡ୍ ମାଁ କେ ନାମ୍ ଅଭିଯାନରେ ଚାରାରୋପଣ କରିବାକୁ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

---

## ଟ୍ରାଇବାଲ-କର୍ମଶାଳା

ଜନଜାତି ଗବେଷଣା ପ୍ରତିଷ୍ଠାନଗୁଡ଼ିକୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଆଜିଠାରୁ ଭୁବନେଶ୍ୱରଠାରେ ଦୁଇଦିନିଆ ଜାତୀୟ କର୍ମଶାଳା ଆରମ୍ଭ ହେବ । ଏହି କର୍ମଶାଳାକୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ ଉଦ୍‌ଘାଟନ କରିବେ । ଏହି ଅବସରରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଏବଂ ବାରାଣାସୀର ସମ୍ପୂର୍ଣ୍ଣାନନ୍ଦ ସଂସ୍କୃତ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି ।

---

## ଶିକ୍ଷା ଅଧିକାର ଆଇନ୍

ଶିକ୍ଷା ଅଧିକାର ଆଇନ-୨୦୦୯ ଅନୁଯାୟୀ ଆର୍ଥିକ ଅନଗ୍ରସର ଶ୍ରେଣୀର ଶିଶୁମାନଙ୍କୁ ବେସରକାରୀ ବିଦ୍ୟାଳୟରେ ନିଃଶୁଳ୍କ ଶିକ୍ଷା ପାଇଁ ତୃତୀୟ ପର୍ଯ୍ୟାୟ ଲଟେରୀ ପ୍ରକ୍ରିୟା ଶେଷ ହୋଇଛି। ମୋଟ ୩ ହଜାର ୯୩୭ଜଣ ଏଥିପାଇଁ ଆବେଦନ କରିଥିଲେ । ସେଥିମଧ୍ୟରୁ ୩ ହଜାର ୧୩୯ଟି

ଆବେଦନ କାଏମ ରହିଥିଲା । ତେବେ ଲଟେରୀ ମାଧ୍ୟମରେ ୨ ହଜାର ୪୪୬ ଜଣ ଛାତ୍ରଛାତ୍ରୀଙ୍କୁ ନାମଲେଖା ପାଇଁ ଚୟନ କରାଯାଇଛି। ଚୟନିତ ଛାତ୍ରଛାତ୍ରୀ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବିଦ୍ୟାଳୟ ଗୁଡ଼ିକରେ ନିଃଶୁଳ୍କରେ ନାମ ଲେଖାଇ ପାରିବେ ।

## ସମୀକ୍ଷା ବୈଠକ

ମାଲକାନଗିରି ଜିଲ୍ଲାର ସମସ୍ତ ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ନେଇ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରତ୍ୟେକ ଆବାସିକ ବିଦ୍ୟାଳୟ ଓ ଛାତ୍ରାବାସରେ ନିୟମିତ ଜଳ ଗୁଣବତ୍ତା ପରୀକ୍ଷା, ଜଳ ବିଶୋଧନ ଏବଂ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

## ଚାରାରୋପଣ

ନୟାଗଡ଼ ଜିଲ୍ଲାର ଦଶପଲ୍ଲାରେ ‘ଏକ ପେଡ୍ ମା’ କେ ନାମ‘ କାର୍ଯ୍ୟକ୍ରମରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦେଇ ଚାରାରୋପଣ କରିଥିଲେ। ଏହି ଅବସରରେ ସେ ପ୍ରତ୍ୟେକ ପରିବାରକୁ ନିଜ ମା’ଙ୍କ ନାମରେ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବାକୁ ଆହ୍ୱାନ ଦେଇଥିଲେ।

# ଅଭିଯୋଗ ଶୁଣାଣି

ମାଲକାନଗିରି ବ୍ଲକର ମାର୍କାପାଲ୍ଲୀ ଗ୍ରାମ ପଞ୍ଚାୟତରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ୭୨ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ଏହି ଅବସରରେ ଜିଲ୍ଲାପାଳ ମାର୍କାପାଲ୍ଲୀ ପଞ୍ଚାୟତର ବିଭିନ୍ନ ଅଞ୍ଚଳ ଗସ୍ତ କରି ସରକାରୀ ଯୋଜନାର କାର୍ଯ୍ୟକାରିତା ନେଇ ସମୀକ୍ଷା କରିଥିଲେ ।

# ଶ୍ୟାମାପ୍ରସାଦ ମୁଖାର୍ଜୀ ଜୟନ୍ତୀ

ଭଦ୍ରକ ସଂସ୍କୃତି ଭବନରେ ବିଶିଷ୍ଟ ଜନନାୟକ ଓ ସ୍ୱାଧୀନତା ସଂଗ୍ରାମୀ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି । ସାଂସଦ ଅଭିମନ୍ୟୁ ସେଠୀ ଓ ବିଧାୟକ ସିତାଂଶୁ ଶେଖର ମହାପାତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଡକ୍ଟର ମୁଖାର୍ଜୀଙ୍କ ଜୀବନ ଓ ଅବଦାନ ଉପରେ ଆଧାରିତ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ ।

# ଟ୍ରେନ୍ ବାତିଲ

ଖୋର୍ଦ୍ଧାରୋଡ଼ ଡିଭିଜନ ଅନ୍ତର୍ଗତ ମାଳତୀପାଟପୁର ଏବଂ ପୁରୀ ଷ୍ଟେସନ ମଧ୍ୟରେ ଚାଲିଥିବା ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟପାଇଁ ୮ଟି ମେମୁ ଟ୍ରେନ୍ ଚଳାଚଳକୁ ଆଜିପାଇଁ ବାତିଲ କରାଯାଇଛି । ଖୋର୍ଦ୍ଧାରୋଡ଼-ପୁରୀ, ପୁରୀ-ଖୋର୍ଦ୍ଧାରୋଡ଼, କଟକ-ପୁରୀ, ପୁରୀ-କଟକ, ଭଦ୍ରକ-କଟକ, କଟକ-ଭଦ୍ରକ, କଟକ-ପାରାଦ୍ୱୀପ ଏବଂ ପାରାଦ୍ୱୀପ-କଟକ ମେମୁ ଟ୍ରେନ୍‌କୁ ବାତିଲ କରାଯାଇଛି ।